# Gramin Krishi Mausam Sewa
## India Meteorological Department
## OrissaUniversity of Agriculture and Technology
*Bhubaneswar -751 003*


*Dr.A.Baliarsingh*
*Nodal Officer*

**Week No.- 41** **Bulletin No.- 30**

*No.- 1222 (Eng. Bulletin)*
**Dt.- 12.10.2018**

**DISTRICT: KHORDHA, BLCOK: TANGI**

**Forecast (Up to 17.10.2018)**
**Given by Met. Centre, IMD, Bhubaneswar**

**BLCOK: TANGI-**

| BLCOK | TANGI | | | | |
|---|---|---|---|---|---|
| Date | 13-10-2018 | 14-10-2018 | 15-10-2018 | 16-10-2018 | 17-10-2018 |
| Rainfall (mm) | 14 | 0 | 8 | 0 | 0 |
| T-MAX (C ) | 29 | 30 | 29 | 30 | 30 |
| T-MIN (C ) | 23 | 24 | 23 | 23 | 21 |
| Cloud Cover | 7 | 7 | 7 | 6 | 0 |
| Rh Max (%) | 91 | 87 | 95 | 93 | 78 |
| Rh Min (%) | 79 | 69 | 67 | 58 | 46 |
| Wind speed (kmph) | 13 | 5 | 4 | 4 | 4 |
| Wind Direction (deg) | 210 | 343 | 11 | 338 | 259 |

**For further information, contact the Met. Centre, Aerodrom Area, IMD, Bhubaneswar, Tel. # 0674-2596116.**

## Agromet-Advisory

## ବିଶେଷ ସୂଚନା

- ଖରିଫ ମୁଗ ଓ ବିରି ଛୁଇଁ ପାକଳ ହୋଇଯାଇଥିଲେ ଅମଳ କରି ନିଅନ୍ତୁ |
- ବିଳମ୍ବ କିସମ ଧାନ  ଗର୍ଭ ସଂଚାର ଅବସ୍ଥାରେ ଏକର ପ୍ରତି 8  କିଗ୍ରା  ଯବକ୍ଷାରଜାନ ଓ 8  କିଗ୍ରା ପଟାସ ଓ ବିଳମ୍ବ କିସମ ଧାନ ପିଲ ଦେବା ଅବସ୍ଥାରେ ଏକର ପ୍ରତି 16  କିଗ୍ରା  ଯବକ୍ଷାରଜାନ ସାର ପ୍ରୟୋଗ  କରନ୍ତୁ  | ଧାନ ଜମିରେ ଜଳ ନିଷ୍କାସନର ବ୍ୟବସ୍ଥା ନଥିଲେ ୟୁରିଆ ସାରକୁ ଓଦା ମାଟି ସହ ମିଶାଇ ଗୋଳା କରି କାଦୁଅ ଭିତରକୁ ଜୋରରେ ଛାଟନ୍ତୁ |
- ରବି ଚିନାବାଦାମ,  ସୂର୍ଯ୍ୟମୁଖୀ ଓ ସୋରିଷ ଲଗାଇବା ପାଇଁ ଜମି ପ୍ରସ୍ତୁତ କରି ବୁଣାବୁଣି କରନ୍ତୁ |
- ଶୀତ ଦିନିଆ ପନିପରିବା ଯଥା ମୂଳା,  ଫୁଲ କୋବି,  ବନ୍ଧା କୋବି,  ଝୁଡ଼ଙ୍ଗ,  ଆଦି ଲଗାନ୍ତୁ |  ଟମୋଟୋ,  ଫୁଲ କୋବି ଓ ବନ୍ଧାକୋବି ପାଇଁ ତଳି ପକାନ୍ତୁ | ଅତ୍ୟଧିକ ବର୍ଷାରୁ ରକ୍ଷା ପାଇବା ପାଇଁ ତଳିଘରାକୁ ଉଚ୍ଚା କରନ୍ତୁ,  ଯେପରିକି ସହଜରେ ପାଣି ଛାଡିଯିବ,  କିମ୍ବା ତଳିଘରା ଉପରେ ପଲିଥିନ୍ କଭର କରି ରଖନ୍ତୁ  |
- ଫୁଲକୋବି ତଳି ପ୍ରସ୍ତୁତ ହୋଇଯାଇଥିଲେ   ମୂଖ୍ୟ କିଆରୀରେ ଲଗାନ୍ତୁ |
- ଉଚ୍ଚ ତାପମାତ୍ରା  ଓ ବାୟୁରେ ଅପେକ୍ଷାକୃତ ଅଧିକ ଆର୍ଦ୍ରତା  ଥିବାରୁ ଧାନରେ ବୀଜାଣୁ ଜନିତ ପତ୍ରପୋଡା ରୋଗ ଲାଗିବାର ସମ୍ଭାବନା ଅଛି | ଏହାର ଦମନ ସକାଶେ ଏକର ପ୍ରତି 20  ଗ୍ରାମ୍  ଷ୍ଟ୍ରେପ୍ଟୋସାଇକ୍ଲିନ୍ 200  ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ
- ବୁଣା  ଧାନରେ  ପତ୍ରାଚ୍ଛାଦ  ପୋଡା  ରୋଗ  ଲାଗିବାର  ଦେଖାଗଲେ  ଏଥିରୁ  ରକ୍ଷା  ପାଇବାପାଇଁ ପ୍ରତି ଲିଟର ପାଣିରେ 2  ମିଲି ହିସାବ ରେ ଭାଲିଡାମାଇସିନ୍ ମିଶାଇ ସିଂଚନ କରନ୍ତୁ |
- ହରଡ଼ରେ ଫୁଲ ଫୁଟିବା ଆରମ୍ଭ ହେଲେ ବାଘୁଆ ପୋକ  ଲାଗିବାର  ସମ୍ଭାବନା ରହିଛି | ଏହାର ଦମନ ପାଇଁ ପୋକ ଗୁଡିକୁ  ସଂଗ୍ରହ କରି କିରୋସିନିରେ ପକାଇ ମାରି ଦିଅନ୍ତୁ |
- ଏହି ସପ୍ତାହ  ଶେଷ ସୁଦ୍ଧା ବାଇଗଣ ଓ ଟମାଟୋ ଲଗାଯାଇପାରିବ | ଏକର ପ୍ରତି 150-200  ଗ୍ରାମ୍ ବିହନ ଦରକାର ହୋଇଥାଏ |ପ୍ରଥମେ ତଳିଘରାରେ ତଳି ଉତ୍ତାରି ମୂଖ୍ୟ କିଆରୀରେ ଲଗାନ୍ତୁ| ଏକ ଏକର ଜମି ପାଇଁ 25  ଫୁଟ ଲମ୍ବ,  4  ଫୁଟ ଚଉଡା ଓ 6  ଇଞ୍ଚ ଉଚ୍ଚତା ବିଶିଷ୍ଟ 4  ଟି ପଟାଳୀ ଯଥେଷ୍ଟ |  ଅତ୍ୟଧିକ ବର୍ଷାରୁ ରକ୍ଷା ପାଇବା ପାଇଁ ତଳିଘରାକୁ ଉଚ୍ଚା କରନ୍ତୁ,  ଯେପରିକି ସହଜରେ ପାଣି ଛାଡିଯିବ,  କିମ୍ବା ତଳିଘରା ଉପରେ ପଲିଥିନ୍ କଭର କରି ରଖନ୍ତୁ  |   ତଳି 3  ରୁ 4  ପତ୍ର ବିଶିଷ୍ଟ ହୋଇଗଲେ  ମୂଖ୍ୟ କିଆରୀରେ ଲଗାନ୍ତୁ |
- ଧାନ ଜମିରେ ପାଣି ବାନ୍ଧି ରଖନ୍ତୁ  |

## ସାଧାରଣ କୃଷି ଉପଦେଶ

## ଖରିଫ ଧାନ

### ରଥା ଧାନ-ରୋଗ ପୋକ ନିୟନ୍ତ୍ରଣ

➢ ବର୍ତ୍ତମାନ ପାଗରେ ମୁଖ୍ୟ କିଆରୀରେ ଧାନରେ କାଣ୍ଡବିନ୍ଧା ପୋକ, ପତ୍ରମୋଡା ପୋକ, ନଳୀ ପୋକ, ଓ ମହୀଷା ରୋଗ ଲାଗିବାର ସମ୍ଭାବନା ଦେଖାଯାଇଛି | ଯଦି ଆର୍ଥିକ ଦେହେଳୀ ସୀମା ଅତିକ୍ରମ ହୋଇଯାଇଛି, ତେବେ ରୋଗ ପୋକର ଦମନପାଇଁ ନିମ୍ନଲିଖିତ ବ୍ୟବସ୍ଥା ଗ୍ରହଣ କରନ୍ତୁ |

| | ପୋକ | ଆର୍ଥିକ ଦେହଳୀ ସିମା | ଅନୁମୋଦିତ ରାସାୟନିକ ନିୟନ୍ତ୍ରଣ | ମାତ୍ରା |
|---|---|---|---|---|
| 1. | କାଣ୍ଡବିନ୍ଧା ପୋକ | ଶତକଡା 5 ମଲାମଂଜ | ମନୋକ୍ରୋଟଫସ / ଟ୍ରାୟୋଜଫସ / କ୍ଲୋରୋପାଇରିଫସ | ଏକର ପ୍ରତି 400 ମିଲି |
| 2. | ମାଟିଆଗୁଣ୍ଡି ପୋକ | ବୁଦାପ୍ରତି 10 ଟି ପୋକ | ଇଥୋଫେନପ୍ରକ୍ସ କିମ୍ବା ଫୋସାଲୋନ୍ | ଏକର ପ୍ରତି 200 ଗ୍ରାମ୍<br>ଏକର ପ୍ରତି 500 ଗ୍ରାମ୍ |
| 3 | ମହିଷା ରୋଗ | ଶତକଡା 5 ଭାଗ ରୋଗ ଆକ୍ରମଣ | ବିମ୍ | ଏକର ପ୍ରତି 150 ଗ୍ରାମ୍ |
| 4 | ବୀଜାଣୁ ଜନିତ ପତ୍ରପୋଡା ରୋଗ | ସାମାନ୍ୟ | ଷ୍ଟ୍ରେପ୍ଟୋମାଇସିନ୍ ସଲ୍ଫେଟ୍ 90% + ଟେଟ୍ରାସାଇକ୍ଲିନ୍ ହାଇଡ୍ରୋକ୍ଲୋରାଇଡ୍ | ଏକର ପ୍ରତି 200 ଗ୍ରାମ୍ |
| 5. | ପ୍ରତ୍ରାଛାଦ ପୋଡା ରୋଗ | 10% କିମ୍ବା ଅଧିକ ଆକ୍ରାନ୍ତ ପିଲ | ମେଟାଲାକ୍ସିଲ୍ | ଏକର ପ୍ରତି 400 ଗ୍ରାମ୍ |

**ମକା**

❖ କାଣ୍ଡବିନ୍ଧା ପୋକର ଦମନ ପାଇଁ ଏକର ପ୍ରତି 2000 ଟ୍ରଇକୋଗ୍ରାମା ଚିଲୋନିସ୍ ପରାଶ୍ରୟୀ ପୋକର ଅଣ୍ଡା 10 ଦିନ ଅନ୍ତରରେ ଦୁଇଥର ଛାଡନ୍ତୁ କିମ୍ବା ଆକ୍ରାନ୍ତ ଗଛର ପତ୍ର ସନ୍ଧିରେ 1 ଗ୍ରାମ୍ ହିସାବରେ ଦାନାଦାର କାର୍ବୋଫ୍ୟରାନ୍ ପ୍ରୟୋଗ କରନ୍ତୁ | ନଚେତ୍ ଲିଟର ପ୍ରତି 2 ମିଲି କ୍ଲୋରୋପାଇରିଫସ୍ ଔଷଧ ମିଶାଇ ସିଂଚନ କରନ୍ତୁ . |

❖ ବର୍ତ୍ତମାନ ମକା ଫସଲରେ ଭଣ୍ଡାଖିଆ ପୋକ ଲାଗିବାର ଦେଖାୟାଇଛି | ତେଣୁ ଏହାର ଦମନ ପାଇଁ ସମନ୍ବିତ ପରିଚାଳନା ମାଧମରେ ଏକର ପ୍ରତି 100 ଶୁକ ସମତୁଲ ଏଚ୍ ଏନ୍. ପି. ଭି .ସକାଳ ବା ସନ୍ଧ୍ୟା ସମୟରେ ପ୍ରୟୋଗ କରନ୍ତୁ |

**ହରଡ଼-** ହରଡ଼ରେ ଫୁଲ ଫୁଟିବା ଆରମ୍ଭ ହେଲେ ବାଘୁଆ ପୋକ ଲାଗିବାର ସମ୍ଭାବନା ରହିଛି | ତେଣୁ ଏହାର ଦମନ ପାଇଁ ପୋକ ଗୁଡିକୁ ସଂଗ୍ରହ କରି କିରୋସିନିରେ ପକାଇ ମାରି ଦିଅନ୍ତୁ |

**ଚିନାବାଦାମ**

- ବାଦାମ ଫସଲରେ ଟୀକା ଓ ମୂଳସଢ଼ା ରୋଗ ହେବାର ସମ୍ଭାବନା ଥାଏ | ଏଗୁଡ଼ିକର ଦମନ ପାଇଁ ପ୍ରତି ଲିଟର ପାଣିରେ 2 ମିଲି ସାଫ୍ କିମ୍ବା କମ୍ପାନିୟନ୍ କିମ୍ବା ସିକ୍ସର ମିଶାଇ ସିଞ୍ଚନ କରନ୍ତୁ |

**କପା**

❖ କପା ଫସଲରେ ଆମେରୀକୀୟ ଓ ଚିତ୍ରିତ ବକରା କୀଟ ଲାଗିବାର ଦେଖାଯାଏ | ପୋକ ଗୁଡିକର ଗତିବିଧି ନିୟନ୍ତ୍ରଣ ପାଇଁ ଏକର ପ୍ରତି 2 ଟି ସଙ୍ଗ ଆକର୍ଷକ ଯନ୍ତ୍ର ବସାନ୍ତୁ |

❖ ଏକର ପ୍ରତି 20 ହଜାର ଟ୍ରାଇକୋଗ୍ରାମା ଚିଲୋନିସ୍ କୁ 10 ଦିନ ବ୍ୟବଧାନରେ ଦୁଇ ଥର ଛାଡନ୍ତୁ |

**ଆଖୁ**

- ଆଖୁ ଅଗଷ୍ଟରୁ ଅକ୍ଟୋବର ମାସରେ ପବ ବିନ୍ଧାପୋକ, ଅଗ ବିନ୍ଧାପୋକ, କାଡି ପୋକ ଜାହାଜ ପୋକ ଇତ୍ୟାଦି ଦେଖାଯାଏ | ତେଣୁ ଏହାର ଦମନ ପାଇଁ ଏକର ପ୍ରତି 400 ମିଲି ଏଣ୍ଡୋସଲ୍ଫାନ୍ କିମ୍ବା 300 ମିଲି ମାଲାଥିଅନ୍ 200 ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ |
- ବିଳମ୍ବରେ ଲଗାଯାଇଥିବା ଆଖୁ 5 ରୁ 6 ମାସର ହୋଇଯାଇଥିଲେ ଭେଳା ବାନ୍ଧନ୍ତୁ |
- ବର୍ତ୍ତମାନ ଆଖୁ ଫସଲରେ ସଅଳ କାଣ୍ଡବିନ୍ଧା ପୋକର ପ୍ରାଦୁର୍ଭାବ ଦେଖା ଯାଇଛି | ତେଣୁ ବର୍ଗମିଟର ପ୍ରତି ଶତକଡା 5 ଭାଗ ମଲାମଞ୍ଜ ଦେଖାଗଲେ, କୋଡାଖୁସା କରି ଏକର ପ୍ରତି 4 କି. ଗ୍ରା ଫୋରେଟ୍ କିମ୍ବା 12 କିଗ୍ରା କାର୍ବୋଫ୍ୟୁରାନ୍ କିମ୍ବା 10 କିଗ୍ରା କାର୍ଟାପ ଦାନାଦାର ଦେଇ ହୁଡା ଟେକି ଦିଅନ୍ତୁ କିମ୍ବା ଏକର ପ୍ରତି 400 ମିଲି ମନୋକ୍ରୋଟୋଫସ୍ କିମ୍ବା ଟ୍ରାୟୋଜୋଫସ୍ ବା ପ୍ରୋଫେନଫସ୍ 200 ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ |
- ଆଖୁ 6 ରୁ 8 ପବ ବିଶିଷ୍ଟ ହୋଇଗଲେ କାଡି ପୋକ ଲାଗିବାର ସମ୍ଭାବନା ଥାଏ | ଏହାର ଦମନ ପାଇଁ ଏକର ପ୍ରତି 300 ମିଲି ମାଲାଥିଅନ୍ କିମ୍ବା 400 ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ |

## ଉଦ୍ୟାନ ଫସଲ

**ପନିପରିବା-** ବର୍ତ୍ତମାନ ଦିନର ତାପମାତ୍ରା ଅଧିକ ରହୁ ଥିବାରୁ ବାଇଗଣରେ ଫଳପଚା ଓ ଝାଉଁଳାରୋଗର ପ୍ରାଦୁର୍ଭାବ ଦେଖା ଯାଇଛି | ଏହାର ଦମନ ପାଇଁ ପ୍ରତି 10 ଲିଟର ପାଣିରେ 1 ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ମିଶାଇ ମୂଳରେ ସିଂଚନ କରନ୍ତୁ |

- ବର୍ତ୍ତମାନ ପାଗରେ କଖାରୁ ଓ କଲରାରେ ଫଳମାଛି ଲାଗିବାର ଦେଖାଯାଇଛି | ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ 2 ମିଲି ଏଣ୍ଡୋସଲ୍ଫାନ୍ କିମ୍ବା 3 ଗ୍ରାମ୍ କାର୍ବାରିଲ୍ ମିଶାଇ ସିଂଚନ କରନ୍ତୁ |
- ବର୍ତ୍ତମାନ ପାଗରେ ଲଙ୍କା ଓ କ୍ୟାପ୍ସିକମ୍ ଫସଲରେ ଉକୁଣିଆ ପୋକ ଲାଗିବାର ଦେଖାଯାଇଛି | ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ 1.5 ମିଲି ଇଥିଅନ୍ କିମ୍ବା 2 ମିଲି କାର୍ବୋସଲ୍ଫାନ୍ କିମ୍ବା କ୍ଲୋରୋପାଇରିଫସ୍ ମିଶାଇ ସିଂଚନ କରନ୍ତୁ |

**ଗେଣ୍ଡୁ ଫୁଲ**

- ଅଗଷ୍ଟ ମାସରୁ ଜାନୁଆରୀ ମାସ ପର୍ଯ୍ୟନ୍ତ ଏକ ମାସ ଅନ୍ତରରେ ଆଫ୍ରୀକୀୟ ଗେଣ୍ଡୁ ଗଛ ପର୍ଯ୍ୟାୟ କ୍ରମେ ଲଗାନ୍ତୁ |
- ଆଫ୍ରୀକୀୟ ଗେଣ୍ଡୁ ଫୁଲର ଉନ୍ନତ କିସମ ଗୁଡିକ ହେଲା ଜାଏଣ୍ଟବଲ୍ ଆଫ୍ରିକାନ୍ ୟେଲୋ, ଜାଏଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ, ଅର୍ଲି ୟେଲା, ଅର୍ଲି ଅରେଞ୍ଜ, ସେରାକୋଲା, ସନ୍ ଜାଏଣ୍ଟ, କ୍ରାଉନ୍ ଅଫ୍ ଗୋଲ୍ଡ, ସ୍ୱନ୍ ଗୋଲ୍ଡ, ଓ କ୍ୟୁପିଡ୍ ଆଦି ଲଗାନ୍ତୁ |
- ତଳିଘରାରେ ଧାଡି କୁ ଧାଡି 5 ସେମି ବ୍ୟବଧାନରେ ବିହନକୁ 1 ସେମି ଗଭୀରରେ ବୁଣନ୍ତୁ |
- ତଳି ବଦଳରେ ଏକର ପ୍ରତି 40 ହଜାର କଟିଙ୍ଗସ୍ ଲଗାନ୍ତୁ |
- ଧାଡି କୁ ଧାଡି 30 ଓ ଗଛକୁ ଗଛ 10 ସେମି ବ୍ୟବଧାନରେ ଲଗାନ୍ତୁ |

## ପଶୁ ସମ୍ପଦ

- ବର୍ଷା ଦିନେ ଗାଈଗୋରୁଙ୍କୁ ସାଧାରଣତଃ ବେଙ୍ଗା, ଳଲାଲରକ୍ତ ଝାଡା ଓ ଘା ହୋଇଥାଏ | ଏଣୁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେଇ ପ୍ରାଥମିକ ଚିକିତ୍ସା କରନ୍ତୁ |
- ଗାଈଗୋରୁଙ୍କର କୃମି ନିରାକରଣ ପାଇଁ ଟିକାଦାନ ପୂର୍ବରୁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେଇ କୃମି ନାଶକ ଔଷଧ ବ୍ୟବହାର କରନ୍ତୁ |
- ଘର ବାଡି ଉନ୍ନତ କିସମର ଅଣ୍ଡାଦିଆ କୁକୁଡା ପାଳନ କରନ୍ତୁ |
- କ୍ଷୀର ଦେବା ଗାଈକୁ (2 ଲିଟର) ଏକ କିଗ୍ରା ଦାନା ସହିତ 50 ଗ୍ରାମ୍ ଖଣିଜ ଲବଣ ଦିଅନ୍ତୁ |
- ଗାଈଗୋରୁଙ୍କ ପାଇଁ ଆଜୋଲା ଚାଷ କରନ୍ତୁ |

**ପାଳ ଛତୁ**

- କୌଣସି ଏକ କୁଣ୍ଡ କିମ୍ବା ବଡ ଓସାରିଆ ପାତ୍ରରେ (ଆଖୁ ରସ ରାନ୍ଧିବା ଟିଣ ହେଲେ ଭଲ) 100 ଲିଟର ପର୍ଯ୍ୟନ୍ତ ପାଣି ନିଅନ୍ତୁ | ସେଥିରେ 8 ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ | ସେହି ପାଣିରେ ନଡା ବିଡା ଗୁଡିକୁ ( 30 ବିଡା) 12 ରୁ 16 ଘଣ୍ଟା ପ୍ରଯ୍ୟନ୍ତ ବତୁରାଇ ଦିଅନ୍ତୁ | ତାପରେ ନଡାଛାଣି ନଡାରୁ ଅଧିକ ପାଣି ନିଗାଡି ଦେବାପାଇଁ ବିଡାଗୁଡିକୁ 2 ରୁ 3 ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଠିଆ କରି ରଖନ୍ତୁ |
- ବୋତଲ ବା ପ୍ୟକେଟରୁ ଛତୁ ମଞ୍ଜିକୁ ଅଗ ବଙ୍କା ହୋଇଥିବା ଲୁହାଖାଡି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାର କରି ତାକୁ ଭାଗ କରନ୍ତୁ |
- ଭାଡି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୨ ଇଞ୍ଚ ବହଳରେ ୨ ବିଡା | ଭିଜା ନଡାକୁ ଖଲି ବିଛାଇ ଦିଅନ୍ତୁ | ଯେପରି ନଡାର ମୂଳ ଭାଗ ବାହାରକୁ ରହିବ | ନଡା ସ୍ତରର ଚାରି କଡରେ ସୀମା ବା ଅଧାରୁ 4 ଇଞ୍ଚ ତଫାତରେ କେବଳ ଧାରେ ଧାରେ ରଖନ୍ତୁ |
- ବର୍ତ୍ତମାନ 2 ୟ ସତର ନଡା (୨ ବିଡାକୁ) ୨ ଇଞ୍ଚ ବହଳରେ ଉତ୍ତର-ଦକ୍ଷିଣ ଭାବରେ ବିଛାନ୍ତୁ | ତା ଉପରେ ଠିକ୍ ଛତୁ ମଞ୍ଜି ଓ ବୁଟ ଗୁଣ୍ଡ ପ୍ରୟୋଗ କରନ୍ତୁ | ତା ପରେ ତୃତୀୟ ସ୍ତର ନଡା ୨୨ ବିଡାକୁ ) ଭାଗ ପୂର୍ବ ପଶ୍ଚିମ ଭାବରେ ୨ ଇଞ୍ଚ ବହଳରେ ବଛାଇ ଦିଅନ୍ତୁ | ତା ପରେ 2 ୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡେ ଓ ମଝିରେ ମଧ ରଖନ୍ତୁ | ଓ ରତା ଉପରେ ବଳକା 2 ୟ ଭାଗ ବୁଟ ଗୁଣ୍ଡ ପ୍ରୟୋଗ କରନ୍ତୁ |
- ଶେଷରେ ରହିଥିବା 3 ବିଡା ନଡାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର – ପଶ୍ଚିମ ଭାବେ (4 ର୍ଥ ସ୍ତର 2 - 3 ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ | ଭର୍ତ୍ତମାନ ଏହି ଛତୁ ବେଡ୍ କୁ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ଘୋଡାଇ ଦିଅନ୍ତୁ | 2-3 ଦିନ ପରେ ପଲିଥିନ୍ ବାହାର କରି ନିଅନ୍ତୁ | ପଲିଥିନ୍ କାଢିବାର ଦିନକ ପରେ ପ୍ରତିଦିନ 3 ରୁ 4 ଥର ସ୍ପ୍ରେୟର ଦ୍ୱାରା ପାଣି ସ୍ପ୍ରେ କରନ୍ତୁ |

## ବିଶେଷ ସୂଚନା

- ଧାନ ବିଲ ହିଡମାନଙ୍କରେ ବିରି ଓ ହରଡ ଆଦି ଧାଡିରେ ବୁଣି ଦିଅନ୍ତୁ |
- ବର୍ତ୍ତମାନ ଢିପ ଜମିମାନଙ୍କରେ ପନିପରିବା ଯଥା ଭେଣ୍ଡି, ଝୁଡଙ୍ଗ, ଫୁଲକୋବି, ଗୁଆଁର, ବାଇଗଣ, ଟମାଟୋ ଓ ଲଙ୍କା କରନ୍ତୁ |

- ଖାଲି ପଡିଥିବା ନିପାଣିଆ ଢିପ ଜମିରେ ଧାନ ନକରି ଅଣଧାନ ଫସଲ ଯଥା ମୁଗ, ବିରି , ରାଶି, ଆଦି ଫସଲ କରନ୍ତୁ |
    - କୃଷି ସମସ୍ୟାର ସମାଧାନ ପାଇଁ ବିନା ଦେୟରେ କିଷାନ୍ କଲ୍ କେନ୍ଦ୍ରର 1551 ନମ୍ବରକୁ ଫୋନ୍ କରନ୍ତୁ |

**ଅନୁପମା ବଳିୟାରସିଂହ**

**ନୋଡାଲ୍ ଅଫିସର,**

**ଗ୍ରାମୀଣ କୃଷି ମୌସମ ସେବା, ଓ.ୟୁ.ଏ.ଟି**